# NATIONAL NEWS BULLETIN (ODIA)

## 24 August - 2025

### Morning Bulletin : 7.15 A.M.

************************************************

## ମୁଖ୍ୟ ସମ୍ବାଦ

- ଖୁବ୍‌ଶୀଘ୍ର ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ଯାଉଛି ଭାରତ - କହିଲେ ପ୍ରଧାନମନ୍ତ୍ରୀ ।
- ଦିଲ୍ଲୀ ବିଧାନସଭାରେ ଆଜି ଦୁଇଦିନିଆ ଅଖିଳ ଭାରତୀୟ ବାଚସ୍ପତି ସମ୍ମିଳନୀକୁ ଉଦ୍‌ଘାଟନ କରିବେ ସ୍ୱରାଷ୍ଟ୍ରମନ୍ତ୍ରୀ ।
- ଗଭୀର ମହାକାଶ ଅନୁସନ୍ଧାନ ପାଇଁ ପ୍ରସ୍ତୁତ ହେବାକୁ ବୈଜ୍ଞାନିକମାନଙ୍କୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ।
- ଆଜିଠାରୁ ତିନିଦିନିଆ ଭାରତ ଗସ୍ତରେ ଆସିବେ ଫିଜି ପ୍ରଧାନମନ୍ତ୍ରୀ ।

ଏବଂ

- ଡୁରାଣ୍ଡ କପ୍ ଫାଇନାଲରେ ଡାଇମଣ୍ଡ ହାର୍ବର ଏଫ୍‌ସିକୁ ୬-୧ ଗୋଲ୍‌ରେ ପରାସ୍ତ କରି ନର୍ଥ-ଇଷ୍ଟ ୟୁନାଇଟେଡ୍ ଏଫ୍‌ସି ଚମ୍ପିଆନ ।

## ପିଏମ୍-ଇକୋନୋମିକ

ବିଶ୍ୱର ସବୁଠାରୁ ଦ୍ରୁତଗତିରେ ବୃଦ୍ଧି ପାଉଥିବା ପ୍ରମୁଖ ଅର୍ଥନୀତି ଭାବେ ଭାରତ ଖୁବ୍‌ଶୀଘ୍ର ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ଯାଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଦିଲ୍ଲୀର ଏକ ଘରୋଇ ଗଣମାଧ୍ୟମ ସଂସ୍ଥା ଦ୍ୱାରା ଆୟୋଜିତ ଆଲୋଚନାରେ ଶ୍ରୀ ମୋଦୀ କହିଛନ୍ତି ଭାରତ

ସ୍ଥିରତା ଏବଂ ଶକ୍ତି ସହିତ ବିଶ୍ୱପାଇଁ ଆଲୋକବର୍ତ୍ତିକା ସାଜିଛି । ଗତ ୧୦ବର୍ଷରେ ଦେଖାଯାଇଥିବା ଅଭିବୃଦ୍ଧି ଏବଂ ସ୍ଥିରତା ମାଇକ୍ରୋ ଅର୍ଥନୀତିର ସ୍ଥିରତା ଯୋଗୁଁ ସମ୍ଭବ ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (PM on Economic)**

ଦେଶରେ ମୁଦ୍ରାସ୍ଫୀତି ଓ ସୁଧହାର କମ୍ ରହିଥିବାବେଳେ ବିଦେଶୀ ମୁଦ୍ରାଭଣ୍ଡାର ମଧ୍ୟ ଦୃଢ଼ ରହିଥିବା ଶ୍ରୀ ମୋଦୀ କହିଛନ୍ତି । ବିଶେଷଜ୍ଞମାନଙ୍କ ଅନୁଯାୟୀ ବିଶ୍ୱର ଅଭିବୃଦ୍ଧିରେ ଭାରତର ଅବଦାନ ଖୁବ୍‌ଶୀଘ୍ର ୨୦ ପ୍ରତିଶତ ହେବାକୁ ଯାଉଛି । ସେ କହିଛନ୍ତି ପ୍ରତି ମାସରେ ଲକ୍ଷ ଲକ୍ଷ ଘରୋଇ ନିବେଶକ ଏସ୍‌ଆଇପି ମାଧ୍ୟମରେ ହଜାର ହଜାର କୋଟି ଟଙ୍କା ବଜାରରେ ନିବେଶ କରୁଛନ୍ତି ।

**V/O (PM on SIP)**

ଏହି ଅବସରରେ ଶ୍ରୀ ମୋଦୀ କହିଛନ୍ତି ଦେଶରେ ସେମି କଣ୍ଡକ୍ଟର ସମ୍ବନ୍ଧୀୟ କାରଖାନା ଆରମ୍ଭ ହୋଇଛି ଏବଂ ଚଳିତବର୍ଷ ଶେଷ ସୁଦ୍ଧା ପ୍ରଥମ ମେଡ୍ ଇନ୍ ଇଣ୍ଡିଆ ଚିପ୍‌ସ ବଜାରକୁ ଆସିବ ।

# ଅମିତ ଶାହା ସ୍ପିକର୍ସ କନ୍‌ଫରେନ୍ସ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ଦିଲ୍ଲୀ ବିଧାନସଭାରେ ଦୁଇଦିନିଆ ଅଖିଳ ଭାରତୀୟ ବାଚସ୍ପତି ସମ୍ମିଳନୀର ଉଦ୍‌ଘାଟନ କରିବେ । ଦେଶର ପ୍ରଥମ ନିର୍ବାଚିତ ବାଚସ୍ପତି ଭାବରେ ବିଠଲ ଭାଇ ପଟେଲ କେନ୍ଦ୍ରୀୟ ବିଧାନସଭାର ବାଚସ୍ପତି ପଦ ଗ୍ରହଣ କରିବାର ଶତବାର୍ଷିକୀ ବର୍ଷକୁ ପାଳନ

କରିବା ଲାଗି ଏହି ସମ୍ମିଳନୀ ଆୟୋଜନ କରାଯାଇଛି । ସମ୍ମିଳନୀରେ ୨୯ଟି ରାଜ୍ୟ ବିଧାନସଭାର ବାଚସ୍ପତି ଏବଂ ୬ଟି ରାଜ୍ୟ ବିଧାନ ପରିଷଦର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଯୋଗଦେବେ ।

ଦିଲ୍ଲୀ ବିଧାନସଭା ବାଚସ୍ପତି ବିଜେନ୍ଦର ଗୁପ୍ତା କହିଛନ୍ତି ବିଠଲ ଭାଇ ପଟେଲଙ୍କ ଜୀବନ, ସଂସଦୀୟ ଅବଦାନ ଏବଂ ସ୍ୱାଧୀନତା ସଂଗ୍ରାମରେ ତାଙ୍କ ଭୂମିକା ଉପରେ ଆଧାରିତ ଏକ ପ୍ରଦର୍ଶନୀ, ସ୍ୱତନ୍ତ୍ର ବୃତ୍ତଚିତ୍ର ଓ ଏକ ସ୍ମାରକୀ ଡାକଟିକଟ ଉନ୍ମୋଚନ କରାଯିବ । ଲୋକସଭା ବାଚସ୍ପତି ଓମ୍ ବିର୍ଲା ସମ୍ମିଳନୀର ଶେଷ ଅଧିବେଶନରେ ଅଧ୍ୟକ୍ଷତା କରିବେ । ଏହି ସମ୍ମିଳନୀରେ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହ, କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଓ କିରନ ରିଜିଜୁ, ପୂର୍ବତନ ଲୋକସଭା ବାଚସ୍ପତି ମୀରା କୁମାର, ଦିଲ୍ଲୀ ଉପରାଜ୍ୟପାଳ ବିନୟ କୁମାର ସକ୍‌ସେନା ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଯୋଗଦେବେ ।

# ପିଏମ୍-ଡିପ୍ ସ୍ପେସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ମହାକାଶ ଅନୁସନ୍ଧାନ ପାଇଁ ବୈଜ୍ଞାନିକମାନଙ୍କୁ ପ୍ରସ୍ତୁତ ହେବାକୁ ଆହ୍ୱାନ ଦେଇଛନ୍ତି । ଶ୍ରୀ ମୋଦୀ କହିଛନ୍ତି ମହାକାଶର ଆବିଷ୍କୃତ ହୋଇନଥିବା ଅଞ୍ଚଳଗୁଡ଼ିକ ମାନବତାର ଭବିଷ୍ୟତ ପାଇଁ ଗୁରୁତ୍ୱପୂର୍ଣ୍ଣ ରହସ୍ୟ ଉନ୍ମୋଚନ କରିବ । ଗତକାଲି ଜାତୀୟ ମହାକାଶ

ଦିବସ ଅବସରରେ ଭିଡ଼ିଓ ବାର୍ତ୍ତାରେ ଶ୍ରୀ ମୋଦୀ କହିଛନ୍ତି ଭାରତ ଚନ୍ଦ୍ର ଏବଂ ମଙ୍ଗଳ ଗ୍ରହରେ ପହଞ୍ଚିସାରିଛି ଏବଂ ଆଗାମୀ ଦିନରେ ମହାକାଶର ଗଭୀର ଅନୁସନ୍ଧାନ କରିବା ଲାଗି ପ୍ରସ୍ତୁତି ଆରମ୍ଭ କରିବାର ସମୟ ଉପନୀତ ହୋଇଛି । ଦେଶ ଅର୍ଦ୍ଧ କ୍ରାୟୋଜେନିକ ଇଞ୍ଜିନ୍ ଏବଂ ବୈଦ୍ୟୁତିକ ପ୍ରଚଳନ ଭଳି ପ୍ରଗତିଶୀଳ ପ୍ରଯୁକ୍ତିବିଦ୍ୟାରେ ଦ୍ରୁତ ଗତିରେ ଅଗ୍ରସର ହେଉଛି । ଦେଶର ଯୁବ ନାଗରିକମାନଙ୍କୁ ମହାକାଶଚାରୀ ପୁଲ୍‌ରେ ଯୋଗଦେବାକୁ ଆହ୍ୱାନ ଦେଇଛନ୍ତି । ବୈଜ୍ଞାନିକମାନଙ୍କ ଉତ୍ସର୍ଗୀକୃତ ପ୍ରୟାସ ଯୋଗୁଁ ଭାରତ ଖୁବ୍‌ଶୀଘ୍ର ଗଗନଯାନ ଅଭିଯାନ ଆରମ୍ଭ କରିବ ଏବଂ ଆଗାମୀ ବର୍ଷ ଗୁଡ଼ିକରେ ନିଜସ୍ୱ ମହାକାଶ କେନ୍ଦ୍ର ନିର୍ମାଣ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ସେ କହିଛନ୍ତି ଘରୋଇ କ୍ଷେତ୍ର ଦ୍ୱାରା ନିର୍ମିତ ପିଏସ୍‌ଏଲ୍‌ଭି ରକେଟ୍ ଖୁବ୍‌ଶୀଘ୍ର ଉତ୍‌କ୍ଷେପଣ କରାଯିବ । ପ୍ରତ୍ୟେକ ବର୍ଷ ଦେଶ ୫ଟି ବୃହତ୍ ଉତ୍‌କ୍ଷେପଣ କରୁଥିବାବେଳେ ଏହାକୁ ୫୦କୁ ବୃଦ୍ଧି କରିବା ଲାଗି ଆମର ଦକ୍ଷତା ଅଛି ବୋଲି କହିବା ସହ ଶ୍ରୀ ମୋଦୀ ଦେଶରେ ୩୫୦ରୁ ଅଧିକ ଷ୍ଟାର୍ଟଅପ୍ ମହାକାଶ ପ୍ରଯୁକ୍ତି ବିଦ୍ୟାରେ ନବସୃଜନ ଇଞ୍ଜିନ୍ ଭାବରେ ଉଭା ହୋଇଥିବା କହିଛନ୍ତି ।

**V/O (PM on Rockets)**

ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତ ମହାକାଶରେ ଡକିଂ ଅନ୍‌ଡକିଂ କ୍ଷମତା ହାସଲ କରିବାରେ ବିଶ୍ୱର ଚତୁର୍ଥ ଦେଶ ହୋଇଛି । ମହାକାଶପ୍ରଯୁକ୍ତି ଭାରତରେ ଶାସନର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ପିଏମ୍-ଫିଜି ଭିଜିଟ୍

ଫିଜିର ପ୍ରଧାନମନ୍ତ୍ରୀ ସିଟିବେନି ଲିଗାମାମାଦା ରାବୁକା ଆଜିଠାରୁ ତିନିଦିନିଆ ଭାରତ ଗସ୍ତରେ ଆସିବେ । ତାଙ୍କ ସହିତ ଏକ ପ୍ରତିନିଧି ମଣ୍ଡଳୀରେ ସ୍ୱାସ୍ଥ୍ୟ ଓ ଚିକିତ୍ସା ସେବା ମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀମାନେ ଭାରତ ଆସୁଛନ୍ତି । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ପିଜି ପ୍ରଧାନମନ୍ତ୍ରୀ ରାବୁକାଙ୍କ ଏହା ପ୍ରଥମ ଭାରତ ଗସ୍ତ । ନୂଆଦିଲ୍ଲୀ ଗସ୍ତ ସମୟରେ ଫିଜି ପ୍ରଧାନମନ୍ତ୍ରୀ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଆଲୋଚନା କରିବେ । ସେ ମଧ୍ୟ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ୍ କରିବାର କାର୍ଯ୍ୟକ୍ରମ ରହିଛି ।

ଏହି ଗସ୍ତ ଭାରତ ଏବଂ ଫିଜି ମଧ୍ୟରେ ଦୀର୍ଘସ୍ଥାୟୀ ସମ୍ପର୍କକୁ ପ୍ରଦର୍ଶନ କରୁଛି । ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରିବା ପାଇଁ ଉଭୟ ଦେଶ ମଧ୍ୟରେ ଆଲୋଚନା ହେବ ବୋଲି ଜଣାପଡିଛି ।

## ୟୁରୋପିୟାନ ପୋଷ୍ଟାଲ ସର୍ଭିସେସ୍

ଆମେରିକାର ଆମଦାନୀ ଶୁଳ୍କ ବୃଦ୍ଧି ଲାଗୁ ପ୍ରସଙ୍ଗରେ ୟୁରୋପର ବିଭିନ୍ନ ଦେଶ ଆମେରିକାକୁ ଡାକସେବା ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଜର୍ମାନ୍, ଡେନ୍‌ମାର୍କ, ସ୍ୱିଡେନ୍ ଏବଂ ଇଟାଲୀର ଡାକସେବା ପକ୍ଷରୁ କୁହାଯାଇଛି, ଅଧିକାଂଶ ସାମଗ୍ରୀ ଆମେରିକାକୁ ପଠାଇବା ବନ୍ଦ କରାଯିବ । ଆସନ୍ତାକାଲିଠାରୁ ଫ୍ରାନ୍ସ ଓ ଅଷ୍ଟ୍ରିଆ ଆମେରିକାକୁ ଡାକସେବା ବନ୍ଦ

କରୁଥିବାବେଳେ ମଙ୍ଗଳବାର ଦିନ ବ୍ରିଟେନ୍ ମଧ୍ୟ ସେହି ବ୍ୟବସ୍ଥା ଆପଣାଇବ ।

ଗତମାସରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଆନ୍ତର୍ଜାତୀୟ ସାମଗ୍ରୀ ଗୁଡ଼ିକ ଉପରେ ଆସନ୍ତା ୨୯ ତାରିଖରୁ ଆମଦାନୀ ଶୁଳ୍କ ଲାଗୁ ସମ୍ପର୍କିତ ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିଥିଲେ । ତେବେ ଚିଠି, ପୁସ୍ତକ, ଉପହାର ଏବଂ ୧୦୦ ଆମେରିକୀୟ ଡଲାରରୁ କମ୍ ମୂଲ୍ୟ ପାର୍ସଲ ଗୁଡ଼ିକ ଉପରେ ଶୁଳ୍କ ଲାଗୁ ହେବ ନାହିଁ ।

ଅନ୍ୟପକ୍ଷରେ ଭାରତୀୟ ଡାକବିଭାଗ ପକ୍ଷରୁ ଆସନ୍ତା ୨୫ ତାରିଖରୁ ଆମେରିକା ସହ ଡାକବ୍ୟବସ୍ଥା ବନ୍ଦ ରହିବ । ଏହାକୁ ଦୃଷ୍ଟିରେ ରଖି ଆମେରିକାକୁ ପଠାଯାଉଥିବା ସମସ୍ତ ଡାକ ସାମଗ୍ରିକୁ ଏବେ ପଠାଯିବ ନାହିଁ । ପୂର୍ବରୁ ବୁକିଂ ହୋଇଥିବା ସାମଗ୍ରୀଗୁଡ଼ିକ ଉପରେ ପୋଷ୍ଟାଲ ଖର୍ଚ୍ଚ ଫେରାଇ ଦିଆଯିବ ବୋଲି ଡାକ ବିଭାଗ ପକ୍ଷରୁ କୁହାଯାଇଛି ।

## ପାକ୍-ବଲୋଚ ହ୍ୟୁମାନରାଇଟ୍ସ

ଆଇନ୍‌କୁ ଅସ୍ତ୍ରକରି ବଲୁଚିସ୍ତାନରେ ରାଜନୈତିକ କାର୍ଯ୍ୟକଳାପକୁ ପାକିସ୍ତାନ କର୍ତ୍ତୃପକ୍ଷେ ଦମନ କରୁଥିବା ମାନବାଧିକାର ସଂଗଠନ ବଲୁଚ ୟାକଜେହତି କମିଟି ଅଭିଯୋଗ କରିଛି । କ୍ୱେଟାର ଏକ କୋର୍ଟ କମିଟିର ମୁଖ୍ୟ ସଂଗଠକ ଓ ଅନ୍ୟ ନେତାମାନଙ୍କୁ ଅଧିକ ୧୫ ଦିନ ଲାଗି ହେପାଜତରେ

ନେବାକୁ ନିର୍ଦ୍ଦେଶ ଦେବା ପରେ ଅନେକ ମାନବାଧିକାର କର୍ମୀ ଏଭଳି ନିଷ୍ପତ୍ତିକୁ କଡ଼ା ସମାଲୋଚନା କରିଛନ୍ତି ।

ପାକିସ୍ତାନରେ ରାଜନୈତିକ କାର୍ଯ୍ୟକଳାପକୁ ଦମନ କରିବା ପାଇଁ ଆଇନ୍‌ର ଅପବ୍ୟବହାର କରାଯାଉଥିବା କୁହାଯାଇଛି । କମିଟି ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି ପାକିସ୍ତାନର ନ୍ୟାୟପାଳିକା ଅକାମି ପାଲଟି ଯାଇଥିବାବେଳେ ଆଇନ୍‌ଗତ ବ୍ୟବସ୍ଥା ବୋଲି କିଛି ନାହିଁ । କମିଟିର ନେତାମାନଙ୍କୁ କୌଣସି ପ୍ରମାଣ ନଥାଇ ଜେଲ୍ ପଠାଯାଉଥିବା ଅଭିଯୋଗ କରାଯାଇଛି । ବଲୁଚିସ୍ତାନରେ ବୃଦ୍ଧି ପାଉଥିବା ମାନବାଧିକାର ଉଲ୍ଲଂଘନ ବିରୁଦ୍ଧରେ ସେମାନଙ୍କ ଆନ୍ଦୋଳନକୁ ବନ୍ଦ କରାଯିବ ନାହିଁ ବୋଲି କମିଟି ପକ୍ଷରୁ କୁହାଯାଇଛି ।

## ସ୍ପୋର୍ଟ୍‌ସ ରାଉଣ୍ଡଅପ୍

ଭାରତର ଖେଳାଳିମାନେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଉନ୍ନତମାନର କ୍ରୀଡ଼ା ପ୍ରଦର୍ଶନ କରି ଦେଶକୁ ଗୌରବାନ୍ୱିତ କରୁଛନ୍ତି । ଶୁଣନ୍ତୁ ଏକ ରିପୋର୍ଟ...

କାଜାଖସ୍ତାନର ସିମକେଣ୍ଟରେ ଅନୁଷ୍ଠିତ ଷୋଡଶ ଏସୀୟ ବନ୍ଧୁକଚାଳନା ପ୍ରତିଯୋଗିତାରେ ଏଲାଭେନିଲ ଭାଲାରିଭାନ, ସମ୍ଭାବି କ୍ଷୀରସାଗର ଏବଂ ନାରାୟଣ ପ୍ରଣବ ଦ୍ୱିତୀୟ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଭାରତ ଉଭୟ

ସିନିୟର ଏବଂ ଜୁନିୟର ୧୦ମିଟର ଏୟାର ରାଇଫଲ୍ସରେ ବିଜୟଲାଭ ପରେ ସ୍ୱର୍ଣ୍ଣପଦକ ସଂଖ୍ୟା ୨୨କୁ ବୃଦ୍ଧି ପାଇଛି । ଏଲା ଏବଂ ଅର୍ଜୁନ ଯୋଗ୍ୟତା ପର୍ଯ୍ୟାୟରେ ୬୩୪ ଦଶମିକ ଶୂନ ସ୍କୋର କରି ଅଲମ୍ପିକ୍ସ ଇଭେଣ୍ଟରେ ଶୀର୍ଷରେ ରହିଥିଲେ । ଭାରତର ଦ୍ୱିତୀୟ ଯୋଡ଼ି ମେହୁଲି ଘୋଷ ଏବଂ ରୁଦ୍ରାଂଶ ପାଟିଲଙ୍କ ଯୋଡ଼ି ୬୩୨ ଦଶମିକ ୬ ସ୍କୋର କରି ଦ୍ୱିତୀୟ ସ୍ଥାନରେ ରହିଥିଲେ । ଏପର୍ଯ୍ୟନ୍ତ ଭାରତ ୨୨ଟି ସ୍ୱର୍ଣ୍ଣ, ୮ଟି ରୌପ୍ୟ ଏବଂ ୧୦ଟି ପଦକ ସହ ତାଲିକାର ଶୀର୍ଷରେ ରହିଛି ।

ନ୍ୟୁୟର୍କରେ ଆଜିଠାରୁ ୟୁଏସ୍ ଓପନ ଟେନିସ୍‌ର ୧୪୫ତମ ସଂସ୍କରଣ ଆରମ୍ଭ ହେଉଛି । ପୁରୁଷ ସିଙ୍ଗଲ୍ସରେ ବିଶ୍ୱର ଏକନମ୍ବର ଇଟାଲୀର ଜାନିକ ସିନର, ସ୍ପେନ୍‌ର ଦୁଇନମ୍ବର କାର୍ଲୋସ୍ ଆଲ୍‌କାରାଜ, ଆମେରିକାର ନୋଭାକ ଜୋକୋଭିଚ୍ ଏବଂ ଜର୍ମାନୀର ଆଲେକଜାଣ୍ଡାର ଜେଭରେଭ ଅଂଶଗ୍ରହଣ କରୁଛନ୍ତି । ମହିଳା ଦଳରେ ଆରିନା ସାବାଲେଙ୍କା, ଇଗା ସ୍ୱିଆଟେକ, କୋକୋ ଗୌଫ ଏବଂ ଜେସିକା ପେଗୁଲା ଭାଗ ନେଉଛନ୍ତି ।

ଦେଶର ସର୍ବପୁରାତନ ଫୁଟବଲ ଲିଗ୍ ଡୁରାଣ୍ଡ କପ୍‌ର ୧୩୪ତମ ସଂସ୍କରଣରେ ନର୍ଥ-ଇଷ୍ଟ ୟୁନାଇଟେଡ ଫୁଟବଲ କ୍ଲବ ଚମ୍ପିଆନ ହୋଇଛି । ଗତକାଲି କୋଲକାତାର ବିବେକାନନ୍ଦ ଯୁବଭାରତୀ କ୍ରୀଡ଼ାଙ୍ଗନରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ନର୍ଥ-ଇଷ୍ଟ ୟୁନାଇଟେଡ୍ ଏଫ୍‌ସି ୬-୧ ଗୋଲ୍‌ରେ ଡାଇମଣ୍ଡ ହାର୍ବର ଏଫ୍‌ସିକୁ ପରାସ୍ତ କରିଛି ।

ବୁଲ୍‌ଗେରିଆର ସାମାକୋଭରେଅନୁଷ୍ଠିତ ୨୦ବର୍ଷରୁ କମ୍ ବିଶ୍ୱ କୁସ୍ତିଯୋଦ୍ଧା ପ୍ରତିଯୋଗିତାରୁ ଭାରତର ଗ୍ରୀକ୍ ରୋମାନ୍ ମଲ୍ଲଯୋଦ୍ଧାମାନେ ଖରାପ ପ୍ରଦର୍ଶନ ଯୋଗୁଁ ବାଦ୍ ପଡିଛନ୍ତି । ଏକମାତ୍ର ମଲ୍ଲଯୋଦ୍ଧା ସୁରେଶ ୬୦ କିଲୋଗ୍ରାମ ବର୍ଗରେ କାଂସ୍ୟ ପଦକ ଜିତିଛନ୍ତି । ୫୫ କିଲୋଗ୍ରାମ ବର୍ଗରେ ଅନୀଲ ମୌର ଜାପାନର ମଲ୍ଲଯୋଦ୍ଧାଙ୍କ ଠାରୁ ୭-୧୦ରେ ପରାସ୍ତ ହୋଇଛନ୍ତି । ମହିଳା ଦଳ ୭ଟି ପଦକ ସହ ରନର୍ସଅପ୍ ହୋଇଛନ୍ତି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ମଳୟ ରଞ୍ଜନ ମିଶ୍ର ।